Chapter-2

# ମହାମାନବ ସ୍ୱାମୀ ଶିବାନନ୍ଦ

## STUDY NOTE

### MIND MAP




୧. ପୂଣ୍ୟଭୂମି ଭାରତବର୍ଷରେ ଜନ୍ମଗ୍ରହଣ କରିଥିବା ଅନେକ ସାଧୁ, ସନ୍ଥ, ମହାମନୀଷୀଙ୍କ ମଧ୍ୟରୁ ସ୍ୱାମୀ ଶିବାନନ୍ଦ ଅନ୍ୟତମ। ଯିଏକି, ୧୮୮୭ ମସିହା ସେପ୍ଟେମ୍ବର ମାସ ୮ ତାରିଖରେ ଦକ୍ଷିଣ ଭାରତର ପଟ୍ଟାମଣଇ ଗାଁରେ ଜନ୍ମଲାଭ କରିଥିଲେ। ସେ ସଦ୍ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ନାମରେ ପରିଚିତ। ସେ ହିମାଳୟର ଜଣେ ଆଦର୍ଶ ଚିକିତ୍ସକ ଥିଲେ।

ସାଧନା ଫଳରେ ଶିବାନନ୍ଦ ଦିବ୍ୟଜୀବନ ଲାଭ କରିବା ପରେ ୧୯୩୬ ମସିହାରେ ଆରମ୍ଭ କଲେ 'ଦିବ୍ୟଜୀବନ ସଂଘ'। ସବୁବେଳେ ସେ ଈଶ୍ୱରଙ୍କ ନାମ ଜପ କରିଥା'ନ୍ତି। ସ୍ୱାମୀ ଶିବାନନ୍ଦ ଜଣେ ଗୈରିକ ବସନଧାରଣ କରୁଥିବା ବ୍ୟକ୍ତି ତାଙ୍କର ମୁଣ୍ଡ ଲଣ୍ଡିତ ଅଟେ। ତାଙ୍କ ସଙ୍ଗୀତ ଯେପରି ଆନନ୍ଦ ଦେଇଥାଏ ଏବଂ ତାଙ୍କ କଥା ଅମୃତ ପରି ଜଣାପଡ଼େ। ତାଙ୍କର ଭାଷଣ ଏପରି ଥିଲା କି ଯାହା ଶୁଣି ସମସ୍ତେ ବିହ୍ୱଳ ହୋଇ ଉଠୁଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅନେକ ଲୋକ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ। ସେ 'ଦିବ୍ୟଜୀବନ ସଂଘ' ମାଧ୍ୟମରେ ବହୁ ମହତ କାର୍ଯ୍ୟ ସମ୍ପାଦନ କରିଛନ୍ତି। ତାଙ୍କର ଆଦର୍ଶ ଆମ ଜୀବନରେ ଧ୍ୟେୟ ହେବା ଉଚିତ୍।